## ସଂକ୍ଷେପରେ

### ୬ ମୃତ୍ତି ନେଲା କରୋନା

ଢେଙ୍କାନାଳ ଅଫିସ, ୨୭।୮-ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଗୁରୁବାର ଦିନକରେ ୬ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଜିଲାର ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୨୫ରେ ପହଞ୍ଚିଛି। ସେହିପରି ଦିନକରେ ୧୯ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୭ଜଣ ସୁସ୍ଥ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୮, ପରଜଙ୍ଗ ବ୍ଲକର ୩, କାମାକ୍ଷାନଗର ବ୍ଲକର ୨, ଭୁବନ ଏନ୍‌ଏସିର ୧, ଗଁନ୍ଦିଆ ବ୍ଲକର ୨ ଏବଂ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରୁ ୩ଜଣ ଚିହ୍ନଟ ହୋଇଛନ୍ତି। ଜିଲାରେ ଏବେ ୧୪୭ ସକ୍ରିୟ ମାମଲା ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ରାସ୍ତାରୁ ହଟିଲା ଗଛ



ଛେଣ୍ଡିପଦା,୨୭।୮(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଗଡମଣ୍ଡଳ-ପାତ୍ରପଡା ମୁଖ୍ୟ ରାସ୍ତା ଉପରେ ଶୁକ୍ରବାର ସକାଳ ୮ଟାରେ ଏକ ପୁରାତନ ଆମ୍ବ ଗଛ ଉପୁଡି ପଡ଼ିଥିଲା। ଫଳରେ ଦୀର୍ଘ ୩ ଘଣ୍ଟା ଧରି ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଛେଣ୍ଡିପଦା ଦମକଳବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କଟରରେ କାଟି ରାସ୍ତାରୁ ଗଛକୁ ହଟାଇଥିଲେ। ଏହାପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

### ନଦୀରୁ ମହିଳାଙ୍କ ମୃତଦେହ ଜବତ

ଛେଣ୍ଡିପଦା,୨୭।୮(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ କମ୍ପସଲା ପଞ୍ଚାୟତ କଇଁଛପଦା ଗ୍ରାମ ନିକଟସ୍ଥ ଟିକିରା ନଦୀକୁ ଗୁରୁବାର ଗାଧୋଇବାକୁ ଯାଇ ନିଖୋଜ ଥିବା ପ୍ରଦୀପ ଦେହୁରୀଙ୍କ ସ୍ତ୍ରୀ ଚାରୁ ଦେହୁରୀ(୩୬)ଙ୍କ ମୃତଦେହ ଜବତ କରାଯାଇଛି। ଘଟଣାରୁ ଜଣାପଡ଼ିଛି, କଇଁଛପଦା ଗ୍ରାମର ଚାରୁ ତାଙ୍କ ୫ବର୍ଷର ଝିଅ ସୁନିତାଙ୍କୁ ସାଙ୍ଗରେ ଧରି ଗ୍ରାମ ନିକଟରେ ଥିବା ଟିକିରା ନଦୀର ବ୍ରାହ୍ମଣସାହି ତୁଠକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉ ଥିବାବେଳେ ଗଭୀର ପାଣିରେ ବୁଡି ଯାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ ଏବଂ ଗ୍ରାମବାସୀ ଚାରୁଙ୍କୁ ଖୋଜାଖୋଜି କରିଥିଲେ। ବିଳମ୍ବିତ ରାତ୍ରିରେ ଚାରୁଙ୍କ ମୃତଦେହ ଉକ୍ତ ଦରହଠାରୁ ଏକ କିଲୋମିଟର ଦୂରରେ ଥିବା କୂଳରୁ ଜବତ କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଚାରୁଙ୍କ ପରିବାରଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବେରୋଜଗାରିରୁ ମୁକ୍ତି ଦେଇଛି 'ମୁକ୍ତା'

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୨୭।୮

- କୋଭିଡ୍ ସମୟରେ ଉପକୃତ ହୋଇଛନ୍ତି ସହରୀ ଗରିବ
- ଅନୁଗୋଳ ଜିଲାର ୩୭ ହଜାର ଲୋକଙ୍କୁ ମିଳିଛି କାମ
- ସଶକ୍ତ ହୋଇଛନ୍ତି ୨୭୦ଟି ଏସ୍‌ଏଚ୍‌ଜି ଓ ଏସ୍‌ଡିଏ

ସହରରେ ସକାଳୁ ମୂଲ ଲାଗିଲେ ସନ୍ଧ୍ୟାରେ ଚୁଲି ଜଳେ। ହେଲେ କୋଭିଡ୍ କାରଣରୁ ବନ୍ଦ ହୋଇଯାଇଥିଲା ଏହି ସହରୀ ଗରିବଙ୍କ ରୋଜଗାର। କିନ୍ତୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ବା ମୁକ୍ତା ଯୋଜନା କାର୍ଯ୍ୟକାରୀ ହେବା ପରେ ସେହି ବେରୋଜଗାରିରୁ ମିଳିଛି ମୁକ୍ତି। ସହରୀ ଗରିବଙ୍କ ମୁହଁରେ ଫୁଟିଛି ହସ। ଅନୁଗୋଳ ଜିଲାର ୩ଟି ସହରାଞ୍ଚଳର ୩୭ ହଜାର ଗରିବଙ୍କୁ ଏହି ଯୋଜନାରେ ମିଳିଛି ରୋଜଗାର। ସେହିପରି ଜିଲାର ୨୭୦ଟି ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଓ ସ୍ଲମ ଡେଭଲପମେଣ୍ଟ ଆସୋସିଏଶନ୍(ଏସ୍‌ଡିଏ) ଗ୍ରୁପ୍ ମଧ୍ୟ କୋଟି କୋଟି ଟଙ୍କାର କାର୍ଯ୍ୟ କରି ସଶକ୍ତ ହୋଇପାରିଛନ୍ତି।

ଅନୁଗୋଳ ଜିଲାର ଅନୁଗୋଳ ଓ ତାଳଚେର ପୌରପାଳିକା ସହ ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମୁକ୍ତା ଯୋଜନାରେ ହୋଇଛି ଅନେକ ଉନ୍ନତୀକରଣ କାର୍ଯ୍ୟ। ବିଶେଷକରି ମିନିପାର୍କ, ଓପନ୍ ଏୟାର ଜିମ୍, ଚିଲ୍ଡରେନ୍ ପ୍ଲେଇଙ୍ଗ ଷ୍ଟେଶନ୍, ଖେଳ ପଡ଼ିଆ, ୱାକିଂ ଟ୍ରାକ୍ ନିର୍ମାଣ କରାଯାଇଛି। ଅନେକ ପୋଖରୀର ପୁନରୁଦ୍ଧାର ହୋଇଛି। ଏସବୁ କାର୍ଯ୍ୟ ଏହି ୩ଟି ସହରାଞ୍ଚଳରେ ଥିବା ଏସ୍‌ଏଚ୍‌ଜି ଓ ଏସ୍‌ଡିଏ ଗୋଷ୍ଠୀଙ୍କ ଦ୍ୱାରା ସମ୍ପାଦିତ ହୋଇଛି। ଅନୁଗୋଳ ପୌରପାଳିକାରେ ୮୭ଟି ଏସ୍‌ଏଚ୍‌ଜିଙ୍କୁ ୩ଟି ପର୍ଯ୍ୟାୟରେ ୧ କୋଟି ୫୭ ଲକ୍ଷ ୩୪ ହଜାର ୮୬୩ ଟଙ୍କାର କାର୍ଯ୍ୟ ପ୍ରଦାନ କରାଯାଇଛି। ଏହାଦ୍ୱାରା ଅନୁଗୋଳ ପୌରାଞ୍ଚଳରେ ୧୬ ହଜାର ୭୮୬ଟି କର୍ମ ନିଯୁକ୍ତି ସୃଷ୍ଟି କରାଯାଇପାରିଛି। ପ୍ରଥମ ପର୍ଯ୍ୟାୟରେ ୧୧ ହଜାର ୮୮୦ ଜଣଙ୍କୁ, ଦ୍ୱିତୀୟ ପର୍ଯ୍ୟାୟରେ ୨ ହଜାର ୩୬ ଜଣ ଓ ତୃତୀୟ ପର୍ଯ୍ୟାୟରେ ୨ ହଜାର ୮୭୦ ଜଣଙ୍କୁ କାର୍ଯ୍ୟ ପ୍ରଦାନ କରାଯାଇଛି। ସେହିପରି ତାଳଚେର ପୌରପାଳିକାରେ ୧୨୫ଟି ଏସ୍‌ଏଚ୍‌ଜିଙ୍କୁ ୩ଟି ପର୍ଯ୍ୟାୟରେ ୧ କୋଟି ୧୩ ଲକ୍ଷ ୭୫ ହଜାର ୯୩୪ ଟଙ୍କାର କାର୍ଯ୍ୟ ଦିଆଯାଇଛି। ଏହାଦ୍ୱାରା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୦ ହଜର ୪୨୧ ଜଣଙ୍କୁ ଓ ତୃତୀୟ ପର୍ଯ୍ୟାୟରେ ୧ ହଜାର ୧୨୧ ଜଣଙ୍କୁ ମିଶାଇ ମୋଟ୍ ୧୧,୫୪୨ ଜଣଙ୍କୁ ରୋଜଗାର ଦିଆଯାଇପାରିଛି। ଆଠମଲ୍ଲିକ ଏନ୍‌ଏସିରେ ଥିବା ୫୮ଟି ଏସ୍‌ଏଚ୍‌ଜିଙ୍କୁ ୩ଟି ପର୍ଯ୍ୟାୟରେ ୬୮ ଲକ୍ଷ ୯୭ ହଜାର ୩୧୫ ଟଙ୍କାର କାର୍ଯ୍ୟ ପ୍ରଦାନ କରାଯାଇଛି। ଫଳରେ ପ୍ରଥମ ପର୍ଯ୍ୟାୟରେ ୪ ହଜାର ୩୫୪ ଜଣ, ଦ୍ୱିତୀୟ ପର୍ଯ୍ୟାୟରେ ୨ ହଜାର ୯୯୬ ଓ ତୃତୀୟ ପର୍ଯ୍ୟାୟରେ ୧ ହଜାର ୩୩୦ଟି କାର୍ଯ୍ୟଦିବସ ସୃଷ୍ଟି କରାଯାଇପାରିଛି। ମୋଟ ଉପରେ ମୁକ୍ତା ଯୋଜନାରେ ଅନୁଗୋଳ ଜିଲାରେ ୩୭ ହଜାର ୧୦୦ କାର୍ଯ୍ୟଦିବସ ସୃଷ୍ଟି ହୋଇପାରିଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କରୋନା ଭଳି ସଙ୍କଟ ସମୟରେ ଏଭଳି କାର୍ଯ୍ୟାଦେଶ ସୃଷ୍ଟି ହୋଇପାରୁଥିବାରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଲମ ଡେଭଲପମେଣ୍ଟ ଆସୋସିଏଶନ୍ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି।



ତାଳଚେରର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଉନ୍ନତୀକରଣ କାର୍ଯ୍ୟ କରାଯାଉଛି।

#### ଲୋକଙ୍କୁ କର୍ମନିଯୁକ୍ତି ମିଳିଛି



"ଅନୁଗୋଳ ଜିଲାର ସହରାଞ୍ଚଳଗୁଡ଼ିକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ମୁକ୍ତା ଯୋଜନାରେ ହେଉଥିବା କାର୍ଯ୍ୟ ଏସ୍‌ଏଚ୍‌ଜି ଓ ଏସ୍‌ଡିଏମାନଙ୍କ ଦ୍ୱାରା କରାଯାଉଛି। ଏହାଦ୍ୱାରା ଜିଲାର ମହିଳାମାନେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ ହେବା ସହ ଶ୍ରମିକମାନଙ୍କୁ ମଧ୍ୟ କାର୍ଯ୍ୟ ପ୍ରଦାନ କରୁଛନ୍ତି।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ, ଅନୁଗୋଳ

#### ସରକାରଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ



"କାମ ନ ପାଇ ଭୋକ ଓପାସରେ ରହୁଥିବା ସହରୀ ଦିନ ମଜୁରିଆଙ୍କ ପାଇଁ ସରକାର ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଇଛନ୍ତି। ଏସ୍‌ଏଚ୍‌ଜି ଜରିଆରେ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ କରାଯାଉଥିବାରୁ ମହିଳାମାନେ ମଧ୍ୟ ଭଲ ରୋଜଗାର କରିପାରୁଛନ୍ତି। ଏହି ଯୋଜନା ସେମାନଙ୍କୁ ଅଧିକ ସ୍ୱାବଲମ୍ବୀ କରିପାରିଛି।

-ରଞ୍ଜୁ ମହାରଣା, ସଭାନେତ୍ରୀ, ଶ୍ରଦ୍ଧାଞ୍ଜଳି ସ୍ୱୟଂ ସହାୟକ ଗୋଷ୍ଠୀ, ତାଳଚେର

#### ଭୂତଳ ଜଳଭାଗ ବୃଦ୍ଧି ପାଉଛି



"ମୁକ୍ତା ଯୋଜନାରେ ସରକାରଙ୍କ ପକ୍ଷରୁ ବର୍ଷା ଜଳ ସଂରକ୍ଷଣ ପାଇଁ ଏସ୍‌ଏଚ୍‌ଜିକୁ କାମ ଦିଆଯାଇଛି। ଏହି କାର୍ଯ୍ୟ ଜୋରଦାର ଚାଲିଥିବାରୁ ଆମ ଅଞ୍ଚଳରେ ଭୂତଳ ଜଳ ଭାଗ ବୃଦ୍ଧି ପାଉଥିବା ଜଣାପଡ଼ିଛି। ସରକାର ଦେଇଥିବା ସମସ୍ତ କାର୍ଯ୍ୟକୁ ଠିକଣା ଭାବେ କରାଯାଉଛି।

-ଅମିତା ବେହେରା, ସମ୍ପାଦିକା, ଓମ୍ ଆରଧନା ସ୍ୱୟଂ ସହାୟିକା ଗୋଷ୍ଠୀ, ତାଳଚେର

#### କରୋନା ବେଳେ କାର୍ଯ୍ୟ ପାଇ ଖୁସି



"କରୋନା ସମୟରେ ମୂଲ ମଜୁରି ଖଟୁଥିବା ଲୋକମାନେ କାର୍ଯ୍ୟ ହରାଇ ଘରେ ରହିଥିଲେ। ଏସ୍‌ଏଚ୍‌ଜିର ମହିଳାମାନେ ମଧ୍ୟ ଚିନ୍ତାରେ ଥିଲେ। କିନ୍ତୁ ସରକାରଙ୍କ ମୁକ୍ତା ଯୋଜନା ଯୋଗୁ ଲୋକଙ୍କୁ କାର୍ଯ୍ୟ ମିଳିପାରିଛି। ଏଭଳି କାର୍ଯ୍ୟ ଜାରି ରହିଲେ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇପାରିବେ।

-ସବିତା ଦାସ, ସଭାନେତ୍ରୀ, ଦେବୀ ଦିବ୍ୟା ସ୍ୱୟଂ ସହାୟକ ଗୋଷ୍ଠୀ, ଅନୁଗୋଳ

### କୋଇଲା ଚାଲାଣକାରୀ ଗିରଫ

ଛେଣ୍ଡିପଦା,୨୭।୮(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ପୋଲିସ ଦୀର୍ଘଦିନ ଧରି ଫେରାର ଥିବା ଜଣେ କୋଇଲା ଚୋରା ଚାଲାଣକାରୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗତ ୨୦୨୦ ମାର୍ଚ୍ଚ ୧ରେ ଛେଣ୍ଡିପଦା ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବରପଦା ନିକଟରେ କୋଇଲା ଚୋରା ଚାଲାଣ ହେଉଥିବା ପିକଅପ ଭ୍ୟାନକୁ ଜବତ କରିଥିଲା। କୌଶଳକ୍ରମେ ଚାଲାଣକାରୀ କଣିହାଁ ଥାନା କୁମୁଣ୍ଡା ଗ୍ରାମର ବାଉରୀ ବେହେରା (୩୫) ଫେରାର ହୋଇଯାଇଥିଲେ। ଛେଣ୍ଡିପଦା ପୋଲିସ ଗତ ଗୁରୁବାର ରାତିରେ ତାଙ୍କୁ ଗିରଫ କରିଥିଲା।

### ରାକେଶ ରାଜୀବ ଗାନ୍ଧୀ ଛାତ୍ର ସଙ୍ଗଠନର ନୂଆ ସଭାପତି

ବନ୍ତଳା,୨୭।୮(ଡି.ଏନ.ଏ.)

ଅନୁଗୋଳ ଜିଲା ରାଜୀବ ଗାନ୍ଧୀ ଛାତ୍ର ସଙ୍ଗଠନର ନୂତନ ସଭାପତି ଭାବେ ଶୁକ୍ରବାର ରାକେଶ ଦେହୁରୀ ମନୋନୀତ ହୋଇଛନ୍ତି। ରାକେଶଙ୍କ ଘର ଅନୁଗୋଳ ବ୍ଲକ କୁମୁରୁସିଂହା ପଞ୍ଚାୟତ ପାତେଳୀ ଗ୍ରାମରେ। ସଭାପତି ଭାବେ ମନୋନୀତ ହେବା ପରେ ରାକେଶ ରାଜ୍ୟ ରାଜୀବ ଗାନ୍ଧୀ ଛାତ୍ର ସଙ୍ଗଠନ ସଭାପତି ସତ୍ୟବ୍ରତ ନାୟକ, ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ନଗର କଂଗ୍ରେସ ସଭାପତି ସୁଦୀପ ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାପୂର୍ବରୁ ସେ ବନ୍ତଳା କଲେଜର ପ୍ରଚାର ଓ ନିର୍ବାଚନ କମିଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ମାସେ ଭିତରେ ଜିଲାରେ ବ୍ଲକ, ଜିଲା ଓ ମହାବିଦ୍ୟାଳୟ କମିଟି ଗଠନ କରିବେ।



## ମୋରମ ଖାଦାନରେ ଚଢ଼ାଉ

ବଇଣ୍ଡା,୨୭।୮(ଡି.ଏନ.ଏ.)

କିଶୋରନଗର ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ପାହାଡ଼ରୁ ବେଆଇନ ଭାବେ ମୋରମ ଚାଲାଣ କରାଯାଉଥିବା ସମ୍ପର୍କିତ ଷ୍ଟୋରୀ ଶୁକ୍ରବାର 'ଧରିତ୍ରୀ'ରେ ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଛି। ଶୁକ୍ରବାର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ବଆଁରନାଳି ଗ୍ରାମର ମୋରମ ଖାଦାନ ଉପରେ ଚଢ଼ାଉ କରି ଏକ ଟ୍ରାକ୍ଟର ଓ ଜେସିବି ମେଶିନ ଜବତ କରିଛନ୍ତି। ଗାଡ଼ି ୨ଟିକୁ କିଶୋରନଗର ପୋଲିସକୁ ହସ୍ତାନ୍ତର କରାଯିବା ସହ ୭୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାରଙ୍କ ଅଚାନକ ଚଢ଼ାଉକୁ ନେଇ ମୋରମ ମାଫିଆଙ୍କ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି।



ତହସିଲଦାରଙ୍କ ଦ୍ୱାରା ଜବତ ହୋଇଥିବା ଟ୍ରାକ୍ଟର ଓ ଜେସିବି।

## ସାପ କାମୁଡ଼ାରେ ଜଣେ ମୃତ

ଅନୁଗୋଳ ଅଫିସ,୨୭।୮

ଅନୁଗୋଳ ଜିଲାରେ ସାପ କାମୁଡ଼ାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ଶୁକ୍ରବାର ପାଲଲହଡ଼ା ବ୍ଲକ ଖମାର ଥାନା ଅନ୍ତର୍ଗତ ତାମ୍ବୁର ଗ୍ରାମର ବିଷ ନାଏକଙ୍କ ସାପ କାମୁଡାରେ ଜୀବନ ଯାଇଛି। ବିଷ ଘରେ ଶୋଇଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକ ତାଙ୍କୁ ପ୍ରଥମେ ଖମାର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ଖବରପାଇ ପୋଲିସ ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମା' ହିଙ୍ଗୁଳାଙ୍କ ଲେଉଟାଣି ଉତ୍ସବ

କଣିହାଁ,୨୭।୮(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ଆଖଣ୍ଡଳମଣି ଓ ସନ୍ତୋଷୀ ମା' ମନ୍ଦିର ପରିସରରେ ମା' ହିଙ୍ଗୁଳା ଏବଂ ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷୀ ମା'ଙ୍କ ଜନ୍ମ ଉତ୍ସବ ଅବସରରେ ବାପଘର ଆଖଣ୍ଡଳମଣି ମନ୍ଦିରକୁ ଦେବୀ ହିଙ୍ଗୁଳା ଓ ବାଟମଙ୍ଗଳାଙ୍କୁ ଆମନ୍ତ୍ରଣ କରି ଅଣାଯାଇଥିଲା। ମୁଖ୍ୟ ପୂଜକ ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ଦୁଇ ଦେବୀଙ୍କୁ ମନ୍ଦିର ବେଢ଼ା ପରିକ୍ରମା ପରେ ବାହାରକୁ ଅଣାଯାଇଥିଲା। ସେଠାରେ ପିଠାପଣା, ଶାଢ଼ି, ଶଙ୍ଖା ଆଦି ଦିଆଯାଇ ବନ୍ଦାପନା କରି ଦେବୀଙ୍କୁ ବିଦାୟ ଦିଆଯାଇଥିଲା। ମନ୍ଦିର ଠାରୁ ଶୋଭାଯାତ୍ରାରେ ପ୍ରଥମେ ମା' ବାଟମଙ୍ଗଳାଙ୍କୁ ପ୍ରକଳ୍ପସ୍ଥିତ ନିଜ ଆସ୍ଥାନରେ ଛାଡିବା ପରେ ମା' ହିଙ୍ଗୁଳାଙ୍କୁ ନେଇ ଭକ୍ତମାନେ ତାଳଚେର ଯାଇଥିଲେ। ସେଠାରେ ମା'ଙ୍କୁ ବିଦାୟ ଦେଇ ରେଙ୍ଗାଳି ଫେରି ଆସିଥିଲେ।



ଭକ୍ତମାନେ ମା'ଙ୍କୁ ଶୋଭାଯାତ୍ରାରେ ନେଉଛନ୍ତି।

## ଏନ୍‌ଏଚ୍‌ଏମ୍‌ରେ ଜିଲାକୁ ୫୪.୭୬ କୋଟି

ଢେଙ୍କାନାଳ ଅଫିସ, ୨୭।୮

- ସଫଳ ରୂପାୟନ କରିବାକୁ ଆହ୍ୱାନ
- ସମସ୍ତଙ୍କ ସହଯୋଗ ଲୋଡ଼ିଲେ ସିଡିଏମ୍‌ଓ

ଢେଙ୍କାନାଳ ଜିଲାରେ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ସିଡିଏମ୍‌ଓ ଡା. ସୁଜାତାରାଣୀ ମିଶ୍ର ଆଲୋଚନାରେ ଭାଗନେଇ କହିଲେ, ଚଳିତ ଆର୍ଥିକ ବର୍ଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍) ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ଲାଗି ୫୪.୭୬ କୋଟି ଟଙ୍କା ବରାଦ କରାଯାଇଛି । ଏହାର ସଫଳ ରୂପାୟନ ଲାଗି ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଏହି ଅବସରରେ ଜିଲାର ସମସ୍ତ ବ୍ଲକ ଲାଗି ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ଯୋଜନା ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ସେହିପରି ସ୍ୱଚ୍ଛତା ଲାଗି ଜିଲା ଚିକିତ୍ସାଳୟ, କାଠଗଡ଼ାସ୍ଥିତ ସହରାଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର, ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶ୍ରୀମୂଳା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ରାସୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ମେରାମଣ୍ଡଳୀ ସ୍ୱାସ୍ଥ୍ୟକେନ୍ଦ୍ର, ବଉଳପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ଜନସ୍ୱାସ୍ଥ୍ୟ) ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।




ଅତିଥିମାନେ ସ୍ୱାସ୍ଥ୍ୟ ଯୋଜନା ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# କିସମ ବଦଳାଇ କାରବାର

ଢେଙ୍କାନାଳ ଅଫିସ, ୨୭।୮

- ଦୁର୍ନୀତିରେ ବୁଡ଼ିଛି ଢେଙ୍କାନାଳ ତହସିଲ କାର୍ଯ୍ୟାଳୟ
- ଜମି ଦଲାଲ-କର୍ମଚାରୀଙ୍କ ଅସାଧୁମେଣ୍ଟ
- ତଦନ୍ତ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

କିସମ ବଦଳାଇ ଦେଲେ ଅନେକ ଗୁଣ ବଢ଼ିଯାଉଛି ଜମି ମୂଲ୍ୟ। ଥରେ କାଗଜପତ୍ରରେ ମୋହର ବାଜିଗଲେ କୋଟି କୋଟି ଟଙ୍କାର ବେଆଇନ କାରବାର କରିବାକୁ ଫିଟିଯାଉଛି ବାଟ। ଏଥିଲାଗି ଅନେକ ଫନ୍ଦି, ଫିକର, କାରସାଦି। ଜମିଦଲାଲ ଏବଂ ଅଧିକାରୀଙ୍କ ମଧ୍ୟରେ ହୋଇଛି ଅସାଧୁ ମେଣ୍ଟ। ବର୍ଷ ବର୍ଷ ଧରି ଏଭଳି ବେଆଇନ କାର୍ଯ୍ୟ ଚାଲିଛି। ହେଲେ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ଏଭଳି ଦୁର୍ନୀତି କରାଯାଉଥିବାରୁ ଅଭିଯୁକ୍ତ ଧରାପଡୁନାହାନ୍ତି। ଢେଙ୍କାନାଳ ସଦର ତହସିଲରେ ଜଳାଶୟ ଜମିର କିସମ ବଦଳାଇ ଶାରଦ କରାଯିବା କେବଳ ଗୋଟିଏ ଘଟଣା ନୁହେଁ, ଖୋଜିଲେ ଏଭଳି ଅନେକ ମାମଲା ବାହାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଢେଙ୍କାନାଳ ସଦର ତହସିଲ ଅଞ୍ଚଳରେ ୫ ବର୍ଷରୁ ଅଧିକ ସମୟ ଧରି ବେଆଇନ ଭାବେ ଜମି କିସମ ବଦଳାଯାଉଛି। ଜମି ମାଫିଆଙ୍କଠାରୁ ମୋଟା ରକମର ଅର୍ଥ ନେଇ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ଏହି କାମକୁ ଅତି ସତର୍କତାର ସହିତ କରୁଛନ୍ତି। ୨୦ ବର୍ଷ ପୁରୁଣା ଫାଇଲ ଯାଞ୍ଚ କଲେ ଜମି କିସମ ବଦଳାଇବାଠାରୁ ଆରମ୍ଭ କରି ଅନେକ ବଡ଼ ଦୁର୍ନୀତି ପଦାକୁ ଆସିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଅନ୍ୟପଟେ ଜଳାଶୟ କିସମ ପରିବର୍ତ୍ତନ ଘଟଣା ସାମ୍ନାକୁ ଆସିବା ପରେ ଏଭଳି ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ସଦର ବ୍ଲକ ଗୋବିନ୍ଦପୁର ଫାଣ୍ଡି ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଜଣେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବ୍ୟକ୍ତିଙ୍କ ଜମିକୁ ଚଞ୍ଚକତା କରି କିଣାଯାଇଛି। ନଡିଆଳୀ ଅଞ୍ଚଳରେ ମଧ୍ୟ ଏକ ସରକାରୀ ଜମି ଜବରଦଖଲରେ ଥିବାବେଳେ ଏହାକୁ ହାତେଇ ନେବାକୁ ଯୋଜନା କରାଯାଉଛି। ଏ ବିଷୟରେ ସବୁଜାଣି ତହସିଲ ପ୍ରଶାସନର ନୀରବତା ଆଲୋଚନାର ବିଷୟ ହୋଇଛି।

ଅନ୍ୟପଟେ ଢେଙ୍କାନାଳ ସହର ସାନଷାଠିଏବାଟିଆ ମୌଜାର ଜଳାଶୟ କିସମ ପରିବର୍ତ୍ତନ କରାଯାଇଥିବା ଘଟଣା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଅଫିସର ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ସନ୍ଧ୍ୟା ୬ଟାରେ ତହସିଲ କାର୍ଯ୍ୟାଳୟରେ ଏକ ରୁଦ୍ଧ ଦ୍ୱାର ବୈଠକ ବସି ତନାଘନା ଚାଲିଛି। ତହସିଲଦାରଙ୍କୁ ଡାକି ଜିଲାପାଳ ଏବଂ ଉପଜିଲାପାଳ ଆଲୋଚନା କରିଛନ୍ତି। ଜମି ଦୁର୍ନୀତିର ନିରପକ୍ଷେ ତଦନ୍ତ କରିବା ଦାବିରେ କେତେଜଣ ସାମାଜିକ କର୍ମୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜିଲା ପ୍ରଶାସନ ଏବଂ ଏସ୍‌ପିଙ୍କୁ ଟୁଇଟ୍ କରି ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଏହା ଏକ ଗମ୍ଭୀର ବିଷୟ। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




#### ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦିଆଯାଉ



ଢେଙ୍କାନାଳ ଜିଲାରେ ଜମି ଦଲାଲ ଗୋଚର, ଶ୍ମଶାନ, ଜଙ୍ଗଲ ଓ ଜଳାଶୟ ଜମି କିସମ ବଦଳାଇ ବିକ୍ରି କରୁଛନ୍ତି। ଏଥିରେ ତହସିଲ କାର୍ଯ୍ୟାଳୟ, ଜିଲା ସବ୍‌ରେଜିଷ୍ଟ୍ରି ଅଫିସର କେତେଜଣ କର୍ମଚାରୀଙ୍କ ହାତ ରହିଛି। ଏଭଳି ବେନିୟମ କାର୍ଯ୍ୟରେ ସମ୍ପୃକ୍ତ ଅଧିକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ।

-ପଙ୍କଜ ନାୟକ, ସାମାଜିକ କର୍ମୀ

#### ତଦନ୍ତ ହେଲେ ଅନେକଙ୍କ ମୁଖା ଖୋଲିବ



ଦୀର୍ଘ ୨୦ ବର୍ଷ ହେଲା ସଦର ତହସିଲ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତିମୂଳକ କାର୍ଯ୍ୟ ହେଉଛି। ଏହାର ନିରପେକ୍ଷ ତଦନ୍ତ ହେଲେ ଜମି ଦୁର୍ନୀତିରେ ସମ୍ପୃକ୍ତ ଅସାଧୁ କର୍ମଚାରୀ ଏବଂ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମୁଖା ଖୋଲିଯିବ।

-ଦୀପକ ପ୍ରସାଦ ପଟ୍ଟନାୟକ, ଆଇନଜୀବୀ

#### ବଡ଼ବଡ଼ିଆଙ୍କ ସମ୍ପୃକ୍ତି ରହିଛି



ତହସିଲ ଅଫିସରେ ହେଉଥିବା ଜମି ଦୁର୍ନୀତିରେ ଅନେକ ବଡ଼ବଡିଆଙ୍କ ସମ୍ପୃକ୍ତି ରହିଛି। ଜମି କିସମ ପରିବର୍ତ୍ତନ ଭଳି ଅନେକ ବେଆଇନ କାର୍ଯ୍ୟ କରାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ

-ମନୋରଞ୍ଜନ ପଟ୍ଟନାୟକ, ଅଧ୍ୟକ୍ଷ 'ଉତ୍ପଳା'

#### ଖୋଳତାଡ଼ ଆରମ୍ଭ ହୋଇଛି



ଜମି କିସମ ଦୁର୍ନୀତି ଘଟଣାର ଖୋଳତାଡ଼ ଆରମ୍ଭ ହୋଇଛି। କାର୍ଯ୍ୟାଳୟରେ ଏତେବଡ଼ ଭୁଲ କିପରି ହେଲା, ସେ ସମ୍ପର୍କରେ ତଦନ୍ତ କରାଯାଉଛି। ବର୍ତ୍ତମାନର ଭାରପ୍ରାପ୍ତ ଉପଜିଲାପାଳଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଦାଖଲ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ

-ସୁରେଶ ଚନ୍ଦ୍ର ପଣ୍ଡା, ସଦର ତହସିଲଦାର

